e-Khabar

Sambalpur Municipal Corporation

June2016 Edition

**Workshop/Seminar on completion of one year of launch of AMRUT reg**
**(Duration 9.30AM to 5.30 PM on 25th june 2016 Venue:Panthanivas ,Sambalpur)**

घा मंत्री संतोष गंगवार की
ा कार्यकर्ताओं ने मुख्यमंत्री


नवभारत 3
www.navabharat.org


27.06.2016



# विकास लिए विभागों के बीच समन्वय जरूरी

**कार्यक्रम**

- विकास की रफ्तार जारी रखने कार्यशाला आयोजित
- कई इलाकों में अभी भी नही मिल रहा पानी

संबलपुर. अमृत योजना के तहत शहर का काफी विकास हुआ है. विभिन्न बस्तियों में जलापूर्ति हो पायी है एवं विभिन्न जनहित परियोजनाएं चल रही हैं. शहर को हरा-भरा किया जा रहा है.

विकास की रफ्तार को जारी रखने के लिए विभिन्न विभागों के बीच समन्वय रखना बेहद जरुरी है. अमृत योजना के एक वर्ष पूर्ति के उपलक्ष्य में संबलपुर नगर निगम (एसएमसी) की ओर से पंथनिवास में आयोजित कार्यशाला में अतिथि के तौर पर विधायक डॉ. रासेश्वरी पाणिग्राही ने यह बात कही. विधायक डॉ. पाणिग्राही ने बताया कि अमृत योजना में शहर के विभिन्न इलाकों में जलापूर्ति की जा रही है, परंतु अभी भी कई इलाकों के लोगों को पानी नहीं मिल पा रही है. शहर के प्रत्येक व्यक्ति को शुद्ध पेयजल आपूर्ति हो सके इस दिशा में प्रयास चल रहा है. आगामी दिनों में इस योजना के तहत सिवरेज व्यवस्था में उन्नति, शहर में 20 लाख पौधा रोपण, पार्कों का पुनरुद्धार एवं रामसागर तालाब का पुनरुद्धार के लिए उचित कदम उठाया जा रहा है.

इस काम के लिए विभिन्न विभागों के बीच समन्वय होना बेहद जरूरी है. कार्यशाला में संबलपुर विकास प्राधिकरण अध्यक्ष विजय महांति, एसएमसी कमिश्नर सुधांशु शेखर भोई, उपजिलाधीश त्रिलोचन माझी, पीएचडी निर्वाही यंत्री मनोरंजन नंद एवं बिरंची दास समेत विभिन्न समाजसेवी संगठन के कार्यकर्ता एवं सचेतन नागरिक उपस्थित थे.

Collected BY: Manas Ranjan Tripathy, Team Lead, AMRUT

# ଅନ୍ତର୍ବିଭାଗୀୟ ସମନ୍ୱୟ ଦ୍ୱାରା ହିଁ ସହରର ବିକାଶ ସମ୍ଭବ

## 'ଅମୃତ' ଯୋଜନା ବର୍ଷପୂର୍ତ୍ତି ଉତ୍ସବରେ ବକ୍ତାଙ୍କ ମତପ୍ରକାଶ






ସମ୍ବଲପୁର, ୨୬।୬(ସବୁ୍ୟ): ସମ୍ବଲପୁର ସହରର ବସ୍ତି ଅଞ୍ଚଳର ବିକାଶ, ସବୁଜ ବଳୟର ଉନ୍ନତି ଭଳି ମୌଳିକ ବିକାଶ ଧାରାକୁ ଆଗେଇ ନେବାପାଇଁ 'ଅମୃତ' ଯୋଜନାକୁ ସଫଳ ଭାବେ କାର୍ଯ୍ୟକାରୀ କରିବା ସକାଶେ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ଜରୁରୀ ବୋଲି ସ୍ଥାନୀୟ ବିଧାୟିକା ଡା. ରାସେଶ୍ୱରୀ ପାଣିଗ୍ରାହୀ ମତପ୍ରକାଶ କରିଛନ୍ତି। 'ଅମୃତ' ଯୋଜନାର ଏକବର୍ଷ ପୂର୍ତ୍ତି ଅବସରରେ ମହାନଗର ନିଗମ ପକ୍ଷରୁ ପାନ୍ଥନିବାସ ସମ୍ମିଳନୀ କକ୍ଷରେ ଆୟୋଜିତ କର୍ମଶାଳାରେ ଏହି ଯୋଜନା ଅନୁଯାୟୀ ବିଭିନ୍ନ ଅଞ୍ଚଳରେ ପାନୀୟ ଜଳ ସମସ୍ୟାର ଦୂରୀକରଣ ଏକ ଲୋକାଭିମୁଖୀ ଉପଲବ୍ଧି ବୋଲି ଡ଼ା. ପାଣିଗ୍ରାହୀ କହିଛନ୍ତି। ବିଭିନ୍ନ ବସ୍ତି ସହିତ ସହରର ପ୍ରତ୍ୟେକ ଲୋକ ଯେଭଳି ବିଶୁଦ୍ଧ ପାନୀୟ ଜଳ ପାଇପାରିବେ ସେଥିପାଇଁ ଯୋଜନା ପ୍ରକ୍ରିୟା ଜାରି ରହିଛି। ସ୍ୱେରେଜ ବ୍ୟବସ୍ଥାରେ ଉନ୍ନତି, ବ୍ୟାପକ ବୃକ୍ଷ ରୋପଣ, ପୋଖରୀଗୁଡ଼ିକର ପୁନରୁଦ୍ଧାର ସହିତ ପୁରାତନ ରାମସାଗର ବନ୍ଧର ଜୀର୍ଣ୍ଣୋଦ୍ଧାର କରାଯିବ। ତେବେ ଏଥିପାଇଁ ଓ ଏହି ଯୋଜନାର ବିଭିନ୍ନ ରୂପରେଖକୁ କାର୍ଯ୍ୟକାରୀ କରିବା ପାଇଁ ଅନ୍ତର୍ବିଭାଗୀୟ ସମନ୍ୱୟ ଆବଶ୍ୟକ ବୋଲି କର୍ମଶାଳାରେ ମତ ପ୍ରକାଶ ପାଇଥିଲା। ଏସ୍‌ଡ଼ିଏ ଅଧ୍ୟକ୍ଷ ବିଜୟ କୁମାର ମହାନ୍ତି, ମହାନଗର ନିଗମ କମିଶନର ବିମଳେନ୍ଦୁ ରାୟ, ଡେ଼ପୁଟି କମିଶନର ସୁଧାଂଶୁ ଶେଖର ଭୋଇ, ନିଗମ ନିର୍ବାହୀ ଯନ୍ତ୍ରୀ ଇଂ. ବସନ୍ତ କୁମାର ପାଢ଼ୀ, ସଦର ଉପଜିଲାପାଳ ତ୍ରିଲୋଚନ ମାଝୀ, ଜନସ୍ୱାସ୍ଥ୍ୟ ବିଭାଗ ନିର୍ବାହୀ ଯନ୍ତ୍ରୀ ଇଂ. ମନୋରଞ୍ଜନ ନନ୍ଦ, ସ୍ୱେରେଜ ବୋର୍ଡ଼ ନିର୍ବାହୀ ଯନ୍ତ୍ରୀ ଇଂ. ବିରଞ୍ଚି ନାରାୟଣ ଦାଶ ପ୍ରମୁଖ ସହରରେ ମୌଳିକ ଆବଶ୍ୟକତା ପୂରଣ ପାଇଁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ବାବଦରେ ବିସ୍ତୃତ ସୂଚନା ପାୱାରପଏଣ୍ଟ ପ୍ରେଜେଣ୍ଟେସନ ସହ ଦେଇଥିଲେ। କର୍ମଶାଳାରେ ଜନସ୍ୱାସ୍ଥ୍ୟ ବିଭାଗ, ସ୍ୱେରେଜ ବୋର୍ଡ଼, ମହାନଗର ନିଗମ ଅଧିକାରୀ ଓ କର୍ମଚାରୀଙ୍କ ସହ ବିଭିନ୍ନ ସାମାଜିକ ଓ ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତାମାନେ ମଧ୍ୟ ଉପସ୍ଥିତ ଥିଲେ। ଗତ ମଇ ୭ ତାରିଖ ଦିନ ଗୃହ ଓ ସହରାଞ୍ଚଳ ବିକାଶ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂଦେଓଙ୍କ ଅଧ୍ୟକ୍ଷତାରେ ଷ୍ଟେଟ ଆନୁଆଲ ଆକସନ୍ ପ୍ଲାନ ପ୍ରୋଜେକ୍ଟସ୍ (ସାପ୍) ୨୦୧୬-୧୭ ଅନୁମୋଦିତ ହୋଇଥିଲା। ଅମୃତ ଯୋଜନାରେ ସାମିଲ ହୋଇଥିବା ଓଡ଼ିଶାର ୯ଟି ସହର ମଧ୍ୟରୁ ସମ୍ବଲପୁର ସହରର ବିକାଶ ପାଇଁ ୧୭ଟି ପ୍ରକଳ୍ପ ପାଇଁ ୬୯.୧୧ କୋଟି ଟଙ୍କା ଅନୁମୋଦିତ ହୋଇଥିବାବେଳେ ବୈଠକରେ ସଂପୃକ୍ତ ସହରର ସାଂସଦ ଓ ବିଧାୟକ ଉପସ୍ଥିତ ଥିଲେ। ପାନୀୟ ଜଳଯୋଗାଣ ସକାଶେ ୧୨ଟି ପ୍ରକଳ୍ପ ପାଇଁ ୫୭.୭୧ କୋଟି, ସ୍ୱେରେଜ ସେପ୍ଟେଜ ୨ଟି ପ୍ରକଳ୍ପ ପାଇଁ ୧୦ କୋଟି ଏବଂ ପାର୍କ ଆଦି ୩ଟି ପ୍ରକଳ୍ପ ପାଇଁ ୧.୪୦ କୋଟି ଟଙ୍କା ଅନୁଦାନ ରହିଛି। ଏଥିରେ ପାନୀୟ ଜଳଯୋଗାଣ ପ୍ରକଳ୍ପ ଗୁଡ଼ିକ ମଧ୍ୟରେ ୨୭ଟି ସ୍କିମରେ ଜଳଯୋଗାଣ (୧୫.୧୦ କୋଟି), ଅଶୋଧିତ ଜଳ ଉତ୍ସ ଜୋନ ୧,୫, ୬ ଓ ୭ରେ ବିକାଶ (୨.୫ କୋଟି), ମହାନଗର ନିଗମର ଜୋନ-୧ରେ ପାଇପ ବିଛାଇବା ସହ ଜଳ ସଂରକ୍ଷଣ ରିଜରଭଏର (୫ କୋଟି), ଜୋନ୍-୫ ପାଇଁ ୨.୫୭ କୋଟି, ଜୋନ୍-୬ ପାଇଁ ୬ କୋଟି, ଜୋନ୍-୪ ଓ ୭ ପାଇଁ ୧୧.୩୮ କୋଟି, ବରେଇପାଲିର ଡ଼ବ୍ଲ୍ୟୁଟିପିର ପୁନରୁଦ୍ଧାର (୧ କୋଟି), ବୁର୍ଲାରେ ପାଇପ ବିଛାଇବା (୨.୭ କୋଟି), ବୁର୍ଲା ସହରର ଡ଼ବ୍ଲ୍ୟୁଟିପି ପୁନରୁଦ୍ଧାର (୦.୯୬ କୋଟି), ବୁର୍ଲା ଟାଉନରେ ଓଭରହେଡ଼ ଓ ଗ୍ରାଉଣ୍ଡ ଲେଭେଲ ଟ୍ୟାଙ୍କ ସହ ପମ୍ପିଂ ସୁବିଧା ଓ ଫିଡ଼ର ଲାଇନ (୪ କୋଟି), ହୀରାକୁଦ ଡ୍ୟାମରୁ ଜଗନ୍ନାଥ ମନ୍ଦିର ଛକ ପର୍ଯ୍ୟନ୍ତ ବଦଳେଇବା (୫ କୋଟି) ଏବଂ ହୀରାକୁଦ ସହରରେ ବଞ୍ଚିତ ହୋଇଥିବା ଅଞ୍ଚଳରେ ପାଇପ ବିଛାଣ ଓ ସଂଯୋଗ (୧.୫ କୋଟି) ପ୍ରାବଧାନ ରହିଛି। ସେହିପରି ସ୍ୱେରେଜ ସେପ୍ଟେଜ୍ ପାଇଁ ସମ୍ବଲପୁର ସହରର ଜୋନ୍-୧ ଅଞ୍ଚଳରେ ସେୱେର ନେଟୱାର୍କ ଏବଂ ଏସ୍‌ଟିପି ଓ ପମ୍ପିଂ ଷ୍ଟେସନ ପାଇଁ ୧୦ କୋଟି ଟଙ୍କାର ପ୍ରାବଧାନ ରହିଛି। ଏଥିସହିତ ଗ୍ରୀନ ସ୍ପେସ ଓ ପାର୍କ ସକାଶେ ତିନୋଟି ପ୍ରକଳ୍ପ - ଭୀମଭୋଇ ପାର୍କ ନିର୍ମାଣ (୦.୮୦ କୋଟି), ସେନ ପାର୍କ ପୁନରୁଦ୍ଧାର (୦.୩୦ କୋଟି) ଏବଂ ସିଂହପାଲି ପାର୍କ ନିର୍ମାଣ (୦.୩୦ କୋଟି) ଟଙ୍କା ବୈଠକରେ ଅନୁମୋଦିତ ହୋଇଥିଲା। ଏହି ସବୁ ପ୍ରକଳ୍ପ ସକାଶେ ବ୍ୟୟ ଅଟକଳ ପୂର୍ବରୁ ଦିଆଯାଇଥିବାବେଳେ ବୈଠକରେ ସବିଶେଷ ତର୍ଜମା ସହ ଅନୁମୋଦିତ ହୋଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ, ସହରାଞ୍ଚଳ ବିକାଶ 'ଅମୃତ' ଯୋଜନାରେ ୨୦୧୫ ମସିହା ଜୁନ ୨୫ ତାରିଖ ଦିନ ସାରା ଦେଶରେ ଶୁଭାରମ୍ଭ ହୋଇଥିବାବେଳେ ଏଥିରେ ରାଜ୍ୟର ୫ଟି ମହାନଗର ନିଗମ ସମେତ ୯ଟି ସହର ଅନ୍ତର୍ଭୁକ୍ତ ହୋଇଛି। ରାଜ୍ୟର 'ଅମୃତ' ଅନ୍ତର୍ଭୁକ୍ତ ଭୁବନେଶ୍ୱର, କଟକ, ବ୍ରହ୍ମପୁର, ସମ୍ବଲପୁର ଓ ରାଉରକେଲା ମହାନଗର ନିଗମ ସହିତ ପୁରୀ, ବାଲେଶ୍ୱର, ଭଦ୍ରକ ଓ ବାରିପଦା ସହର ରହିଛି। 'ଅମୃତ' ଯୋଜନାରେ ପ୍ରଥମ ୩ ବର୍ଷରେ ପାନୀୟ ଜଳଯୋଗାଣ, ସ୍ୱେରେଜ ସେପ୍ଟେଜ୍ ପ୍ରକଳ୍ପ ଏବଂ ଗ୍ରୀନ ସ୍ପେସ ଓ ପାର୍କ ଆଦି ଉପରେ ଗୁରୁତ୍ୱ ଦିଆଯିବ ବୋଲି ଜଣାପଡ଼ିଛି।

SAMAY, SAMBALPUR, 27 JUNE 2016, Collected By: Manas Ranjan Tripathy, Team Leader, AMRUT

Article Collected & Seminar Organised by: Manas Ranjan Tripathy Team Leader/Urban Planner, **AMRUT**